# Akashvani, Sambalpur

## SAMBALPURI NEWS EVENING BULLETIN

## 10 April 2024- 7.02 pm- 7.12 pm.

*********************************************

୧- ପ୍ରମାଣଭିତିକ ବୈଜ୍ଞାନିକ୍ ଚିକିତ୍ସାର ତହଁକ୍ ବଢ଼ାବାର୍‌କେ ନୂଆଦିଲ୍ଲୀ ନ ହେଇଥିବା ବିଶ୍ୱ ହୋମିଓପାଥି ସମ୍ମିଳନୀକେ ଉଦ୍‌ଘାଟନ୍ କଲେ ରାଷ୍ଟ୍ରପତି ।

୨- ଓଡ଼ିଶା ନ ନିର୍ବାଚନ୍ ପ୍ରଚାର୍‌ଥି ଉତର୍‌ଦାୟିତ୍ୱ ଆଉ ସ୍ୱଚ୍ଛତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଆଉ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କୁ ଚିଠି ଲେଖିଲେ ଭାରତର ନିର୍ବାଚନ୍ ଆୟୋଗ୍ ।

୩- ସମ୍ବଲ୍‌ପୁର୍ ନ ଆଏବା ୩ ମାସ୍ ଭିତ୍‌ରେ କାର୍ଯ୍ୟକ୍ଷମ୍ ହେବା ସି-ବେଣ୍ଡ୍ ଡପ୍‌ଲର୍ ରାଡ଼ାର୍ ।

ଆଉର୍

୪- ଉତର୍ ପଶ୍ଚିମ ଦିଗୁ ରାଜ୍ୟ ଭିତର୍‌କେ ଶୁଖା ପବନ୍ ବହେବାର୍ ସମ୍ଭାବନା ଥିବାର୍‌ନୁ ଆଏବା ଶନିବାର୍ ଦିନୁ ବଢ଼୍‌ବା ତାପମାତ୍ରା ।

## ରାଷ୍ଟ୍ରପତି-ବିଶ୍ୱ ହୋମିଓପାଥି ଦିବସ

ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ହୋମିଓପାଥି ଦିବସ ଅବ୍‌ସରେ ନୂଆଦିଲ୍ଲୀର୍ ଯଶୋଭୂମି କନ୍‌କ୍ଲେଭ୍ କେନ୍ଦ୍ର ନ ୨ ଦିନିଆ ହୋମିଓପାଥି ବୈଜ୍ଞାନିକ ସମ୍ମିଲନୀକେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଆୟୁଷ୍ ମନ୍ତ୍ରଣାଳୟର କେନ୍ଦ୍ରୀୟ ହୋମିଓପାଥି ଅନୁସନ୍ଧାନ୍ ପରିଷଦ ତର୍‌ଫୁ ହେଇଥିବା ଇ ସମ୍ମିଳନୀଥି ଅନୁସନ୍ଧାନ୍‌କେ ବର୍‌କସ୍ କର୍‌ବାର୍ ଆଉ ଦକ୍ଷତା ବଢ଼ାବାର୍ ଉପ୍‌ରେ ଗୁରୁତ୍ୱ ଦିଆଯାଇଛେ । ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍‌ଥି ପ୍ରମାଣ୍ ଭିତିକ ବୈଜ୍ଞାନିକ ଚିକିତ୍ସାକେ ତହଁକ୍ ବଢ଼ାବାର୍ ସହେତେ ଅନୁସନ୍ଧାନ୍ ଆଧାରିତ୍ ଚିକିତ୍ସା ବିଜ୍ଞାନ୍‌ଥି ହୋମିଓପାଥି ସମୁଦାୟକେ ସକ୍ଷମ୍ କର୍‌ବାର୍, ସୁରକ୍ଷିତ ଆଉ ବିଶ୍ୱସନୀୟ ସ୍ୱାସ୍ଥ୍ୟ ରକ୍ଷା ଲାଗି ଲୁକ୍‌କର୍ ଆବଶ୍ୟକତାକେ ପୂରଣ୍ କର୍‌ବାର୍‌ଟା ଇ ଆଲୋଚନାଚକ୍ରର୍ ମୁଖ୍ୟ ଉଦ୍ଦେଶ୍ୟ ରହିଛେ ।

## ବିଶ୍ୱ ହୋମିଓପାଥି ଦିବସ

ଆର୍‌ଏନ୍‌ୟୁ / କଟକ୍

ହୋମିଓପାଥି ଚିକିତ୍ସାର୍ ଜନକ ଡାକ୍ତର୍ ସାମୁଏଲ୍ ହେନିମେନ୍‌ଙ୍କର୍ ଜନମ୍‌ଦିନ୍ ଏପ୍ରିଲ୍ ମାସର୍ ୧୦ ତାରିଖ୍‌କେ ବିଶ୍ୱ

ହୋମିଓପାଥି ଦିବସ୍ ଭାବେ ପାଲନ୍ କରାଯାଇଛେ । ଭିନ୍ ଭିନ୍ ରୋଗ୍‌ର ଚିକିତ୍ସା ଲାଗି ହୋମିଓପାଥି ଗୁଟେ ବିକଳ୍ପ ଚିକିତ୍ସା ପଦ୍ଧତି ଆଏ । ପୁର୍‌ଥିର୍ ୮୦ ନୁ ଅଏତ୍‌କା ଦେଶ୍ ହୋମିଓପାଥି ଚିକିତ୍ସାକେ ଗ୍ରହଣ୍ କରିଛନ୍ । ପକ୍ଷାଘାତ, ମାନସିକ ରୋଗ ଆର୍ ଜୀବନ୍ ଶୈଲୀ ସାଙ୍ଗେ ଜଡ଼ିତ ଉଚ୍ଚରକ୍ତଚାପ ନୁ ନେଇକରି ମଧୁମେହ, ଗେଷ୍ଟ୍ରିକ୍, ସ୍ନାୟୁରୋଗ ହୋମିଓପାଥି ଚିକିତ୍ସାଥି ଭଲ୍ ହେଇପାରୁଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍  ହୋମିଓପାଥି ଚିକିତ୍ସାକେ ମାଏନ୍‌ତା ଦେବାର୍ ସହେତେ ଇ ଚିକିତ୍ସାର୍ ଗୁଣବତା ରହିଛେ ବଲି କହିଛେ । ସବୁଠାନୁ ଜରୁରୀ କଥା ହେଉଛେ  ହୋମିଓପାଥି ଉଷୋର କେନ୍‌ସି ପାର୍ଶ୍ୱପ୍ରତିକ୍ରିୟା ନାଇଁଥାଏ । ହୋମିଓପାଥି ଡାକ୍ତର୍‌ଙ୍କର୍ ପରାମର୍ଶ ଅନ୍‌ସାରେ ଠିକ୍ ଭାବେ ଉଷୋ ଖାଏଲେ ରୋଗୀର୍ ରୋଗ୍ ପୁରାପୁରି ଠିକ୍ ହେଇଥିସି । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ହୋମିଓପାଥି ଚିକିତ୍ସା ଦେଶେ କାର୍ଯ୍ୟକାରୀ ହେଇପାରୁଛେ । ଇ ବଛ୍‌ରର୍ ହୋମିଓପାଥି ଦିବସ୍‌ର ବାର୍ତା ରହିଛେ 'ଗବେଷଣାକେ ତହଁକ୍ ଦେଇକରି ଦକ୍ଷତାର ବିକାଶ୍' ।

ପ୍ରିଟିଂ ସଂସ୍ଥା ଆଉ ପ୍ରକାଶକଙ୍କ ପରିଚୟ  ଆର୍‌ଏନ୍‌ୟୁ/ସମ୍ବଲପୁର

ଭୋଟ୍ ପ୍ରଚାର୍ ବେଲେ ଉତର୍‌ଦାୟିତ୍ୱ ଆର୍ ସ୍ୱଛତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ନିର୍ବାଚନ୍ ଆୟୋଗ ସବୁ ରାଜ୍ୟ ଆଉ

କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କେ ନିର୍ବାଚନ୍ ବାବଦ୍ ପ୍ରଚାର୍‌ପତ୍ର, ପୋଷ୍ଟର୍, ବେନର୍, ପାମ୍ପଲେଟ୍ ମାନ୍‌କେ ପ୍ରିଟିଂ ସଂସ୍ଥା ଆର୍ ପ୍ରକାଶକଙ୍କ ନାଁ, ଠିକ୍‌ନା ଛାପ୍‌ବାର୍ ଲାଗି ଜବରାନ୍ କରିଛନ୍ । ଜନପ୍ରତିନିଧି ଆଇନ୍ ଅନ୍‌ସାରେ ମୁଦ୍ରକ ଆଉ ପ୍ରକାଶକଙ୍କର୍ ନାଁ ଆର୍ ଠିକ୍‌ନା ପାମ୍ପଲେଟ୍, ପୋଷ୍ଟର, ଆଉ ବେନର୍‌ମାନ୍‌କେ ପ୍ରିଟିଂ ସଂସ୍ଥା ଆର୍ ପ୍ରକାଶକଙ୍କ ନାଁ, ଠିକ୍‌ନା ନାଇଁଥିଲେ ଗ୍ରହଣୀୟ ନାଇଁ ହୁଏ ବଲି କମିଶନ୍ ତର୍‌ଫୁ କୁହାଯାଇଛେ । ଓଡିଶା ସହେତେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଆର୍ ସିକିମ୍ ମୁଖ୍ୟ ଶାସନ ସଚିବ ଆଉ ମୁଖ୍ୟ ନିର୍ବାଚନ ଅଧିକାରୀମାନ୍‌କୁ ଇ ବାବ୍‌ଦେ ଜନେଇ ଦିଆଯାଇଯାଇଛେ । ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଇ ଚାର୍‌ହି ରାଜ୍ୟକେ ଦିଆଯାଇଥିବାର୍ ଚିଠିଥି କୁହାଯାଇଛେ ଯେ, ନିର୍ବାଚନ୍ ବାବଦ୍ ପ୍ରଚାର୍‌ପତ୍ର, ପୋଷ୍ଟର୍, ବେନର୍, ପାମ୍ପଲେଟ୍ ମାନ୍‌କେ ସର୍ବସାଧାରଣ ଜାଗା ନ ଲଗାଯିବାର୍ ଆଘୋନୁ ବିଜ୍ଞାପନ୍ ଅନୁମୋଦନ୍ ଦାୟିତ୍ୱଥି ଥିବା କର୍ତୃପକ୍ଷଙ୍କର୍‌ଠାନୁ ପ୍ରମାଣ୍‌ପତ୍ର ଆନ୍‌ବାର୍‌କେ ପଡ଼୍‌ବା । ପ୍ରମାଣ୍‌ପତ୍ର ଆନିସାର୍‌ଲା ଉତ୍‌ରୁ ରାଜନୈତିକ୍ ଦଲ୍ ଆର୍ ପ୍ରାର୍ଥୀମାନେ ସେମାନ୍‌କର୍ ବିଜ୍ଞାପନ୍ ପ୍ରଦର୍ଶନ୍ କରିପାର୍‌ବେ ।

ମୁଦ୍ରକ ଆଉ ପ୍ରକାଶକଙ୍କର୍ ନାଁ ନାଇଁଥିବା ପ୍ରଚାର୍‌ପତ୍ର, ପୋଷ୍ଟର୍, ବେନର୍, ପାମ୍ପଲେଟ୍ ବାବ୍‌ଦେ ଅଭିଯୋଗ୍ ପାଏଲା ଉତାରୁ ନିର୍ବାଚନ୍ କମିଶନ୍ ଇ ପଦକ୍ଷେପ୍ ନେଇଛନ୍ ।

କମିଶନ୍‌ଙ୍କର୍ ଇ ନିଷ୍ପତିକେ ପୋରସଂସ୍ଥା, ସ୍ଥାନୀୟ ପ୍ରଶାସନ୍ ଆର୍ ରାଜନୈତିକ୍ ଦଲ୍‌ମାନ୍‌କେ ଜନାବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ରାଜୀବ୍ କୁମାର୍ ତାଁକର୍ ଚିଠିଥି ମୁଖ୍ୟ ଶାସନ୍ ସଚିବ ଆଉ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କୁ କହିଛନ୍ ।

ଭାରତର ନିର୍ବାଚନ ଆୟୋଗ ନିର୍ବାଚନ ପ୍ରଚାର ସମିଆଥି ସ୍ୱଚ୍ଛତା ଆର୍ ଉତରଦାୟିତ୍ୱ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ନିର୍ବାଚନ ବାବ୍‌ଦେ ଛପା ହେଉଥିବା ପ୍ରଚାରପତ୍ର, ବେନର ଆଉ ହୋଡିଂମାନ୍‌କେ ପ୍ରିଟିଂ ସଂସ୍ଥା ଆଉ ପ୍ରକାଶକଙ୍କର୍ ପରିଚୟ ଦେବାର୍‌କେ ଆୟୋଗ ଜବ୍‌ରାନ୍ କରିଛନ୍ ।

ନିର୍ବାଚନ ଆୟୋଗ ଚିଠିଥି କହିଛନ୍ ଯେ, ନିର୍ବାଚନ ବାବଦ୍ ପାମ୍ପଲେଟ୍, ପୋଷ୍ଟର, ପ୍ଲା-କାର୍ଡ ଆଉ ବେନର୍‌ମାନ୍‌କେ ପ୍ରିଟିଂ ସଂସ୍ଥା ଆର୍ ପ୍ରକାଶକଙ୍କ ନାଁ, ଠିକ୍‌ନା ନାଇଁଥିଲେ, ଜନ ପ୍ରତିନିଧି ଆଇନ- ୧୯୫୧ ଅନ୍‌ସାରେ ଗ୍ରହଣୀୟ ନାଇଁ ହୁଏ । ବିଜ୍ଞାପନ ଅନୁମୋଦନ୍ ଦେବାର ଲାଗି ଦାୟିତ୍ୱଥି ଥିବା ଅଧିକାରୀ ପହେଲା ରାଜନୈତିକ ବିଜ୍ଞାପନ୍ ଆର୍ ପ୍ରଚାରପତ୍ରକେ ପ୍ରମାଣପତ୍ର ଦେବେ । ଇତାର୍ ଉତ୍‌ରୁ ସବୁ ରାଜନୈତିକ ଦଲ୍‌ମାନେ ସେମାନଙ୍କର୍ ବିଜ୍ଞାପନ ପ୍ରଦର୍ଶନ କର୍‌ପାର୍‌ବେ ବଲି ନିର୍ବାଚନ ଆୟୋଗ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଦେଶର କିଛି ଇଲାକା ନ ପୌରସଂସ୍ଥା କର୍ତ୍ତୃପକ୍ଷ ଆଉ ସ୍ଥାନୀୟ ପ୍ରଶାସନ ଅଧିନଥି ଥିବା

ହୋର୍ଡିଂମାନ୍‌କେ ପ୍ରକାଶକ ଆଉ ପ୍ରିଂଟିଂସଂସ୍ଥାର ପରିଚୟ ନାଇଁ ଥାଇକରି ଭିନ୍ ଭିନ୍ ରାଜନୈତିକ ଦଲ୍‌ର ପ୍ରଚାର କରାଯାଉଛେ । କିଛି ଜାଗାନ ବିଜ୍ଞାପନମାନ୍ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରୁଛେ । ଇ ବାବ୍‌ଦେ ଲୋକ୍‌ମାନେ ନିର୍ବାଚନ ଆୟୋଗଙ୍କର୍ ନ ଅଭିଯୋଗ କରିଥିଲେ । ଇତାର୍ ଉତ୍‌ରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆଉ ସୁଖ୍‌ବୀର ସିଂ ସାନ୍ଧୁ ପ୍ରିଂଟିଂ ସଂସ୍ଥାର ପରିଚୟ ରଖ୍‌ବାର୍ ଉପ୍‌ରେ ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ସବୁ ପୌରସଂସ୍ଥା, ସ୍ଥାନୀୟ ପ୍ରଶାସନ କର୍ତୃପକ୍ଷ ଆର୍ ରାଜନୈତିକ ଦଲମାନ୍‌କୁ ଜନେଇ ଦେବାର ଲାଗି ନିର୍ବାଚନ ଆୟୋଗ ଚିଠିଥି ଲେଖିଛନ୍ ।

ମତଦାନ୍ ଲାଗି ବିଜ୍ଞପ୍ତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୪ ଟା ଖେପେ ହେବାର୍‌କେ ଥିବାର୍ ନିର୍ବାଚନ୍ ମେ ମାସର୍ ୧୩ ତାରିଖ୍‌ନୁ ମୁଲ୍ ହେଇକରି ଜୁନ୍ ମାସର୍ ୧ ତାରିଖ୍ ତକ୍ ଚାଲ୍‌ବା । ପହେଲା ଖେପେ ନିର୍ବାଚନ୍ ଲାଗି ଇ ମାସର୍ ୧୮ ତାରିଖ୍‌ଥି ବିଜ୍ଞପ୍ତି ବାହାର୍‌ବା ବଲି ଭାରତୀୟ ନିର୍ବାଚନ୍ ଆୟୋଗ୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇ ମାସର୍ ୨୫ ତାରିଖ୍ ଦିନ ପହେଲା ଖେପ୍ ଭୋଟ୍ ଲାଗି ନାମାଙ୍କନ୍

ପତ୍ର ଦାଖଲ୍ ପ୍ରକ୍ରିୟା ସର୍‌ବା ଆର୍ ୨୯ ତାରିଖ୍ ନାମାଙ୍କନ୍ ପ୍ରତ୍ୟାହାର୍ କର୍‌ବାର୍ ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ଏପ୍ରିଲ୍ ୨୬ ତାରିଖ୍ ଦିନ ପ୍ରାର୍ଥୀପତ୍ର ଯାଂଚ୍ କରାଯିବା । ରାଏଜେ ପହେଲା ଖେପେ କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର୍ ଆର୍ କୋରାପୁଟ୍ ସଂସଦୀୟ କ୍ଷେତ୍ର ସହେତେ ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା ।

ପୁଲିସ୍ ଡିଜି ବୈଠକ୍      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ସାଧାରଣ ନିର୍ବାଚନ୍‌କେ ଶାନ୍ତି ଶୃଙ୍ଖଳା ସହେତେ ସାର୍‌ବାର୍ ଲାଗି ମାଓବାଦୀ କାର୍ଯ୍ୟକଲାପ୍ ଆଏତ୍ କର୍‌ବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ଉଚା ଦର୍‌ଜାର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଗୁଇନ୍ଦା ବିଭାଗ୍‌ର ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରୀୟଦର୍ଶୀ, ଏଡିଜି ଅପରେସନ୍ ଦେବଦତ ସିଂ, ଆଇନ୍ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ନିର୍ବାଚନ୍ ସମିଆଥି ମାଓବାଦୀ ଆର୍ ନକ୍ସଲ୍ କାର୍ଯ୍ୟକଲାପ୍‌କେ ରୁକ୍‌ବାର୍ ଦିଗେ ରଣନୀତି ପ୍ରସ୍ତୁତ୍ କରିଛନ୍ । ରାଜ୍ୟର୍

ଆଇନ୍ ଶୃଙ୍ଖଳା ଥିତି ଉପ୍‌ରେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇଥିଲା ।

ସି- ବେଣ୍ଡ ଡପ୍‌ଲର୍ ରାଡାର୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଏବା ୩ ମାସ୍ ଭିତ୍‌ରେ ଡପ୍‌ଲର୍ ରାଡାର୍ କାମ୍ କର୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସମ୍ବଲ୍‌ପୁର୍ ନ ଲଗାଯିବାର୍‌କେ ଥିବା ସି- ବେଣ୍ଡ ଡପ୍‌ଲର୍ ରାଡାର୍ ର ସବୁ ଯନ୍ତ୍ରପାତି ଇ ଭିତ୍‌ରେ ଭୁବ୍‌ନେଶ୍ୱର୍ ପାଣିପାଗ୍ କେନ୍ଦ୍ର ନ ପୁହୁଁଚିସାରିଛେ । ଖୋବ୍ ଜଲ୍‌ଦି ଇସବୁ ସମ୍ବଲପୁର୍ ପଠାଯିବା ବଲି ସୂଚ୍‌ନା ମିଳିଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍‌କାର୍ ସମ୍ବଲ୍‌ପୁର୍ ଜମାଦାର୍‌ପାଲି ନ ଡପଲର୍ ରାଡ଼ାର୍ କେନ୍ଦ୍ର ଥାପ୍‌ନା କର୍‌ବାର୍ ଲାଗି ଜମି ସହେତେ ଆନୁସଙ୍ଗିକ ସୁବିଧା ଯୁଗେଇ ଦେଇଛନ୍ ।

ଘରୋଇ ସ୍କୁଲ୍- ମାହାଲିଆ ବହି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଘରୁଆ ଆର୍ ଅନୁଦାନ୍ ପାଇଥିବା ଓଡ଼ିଆ ମାଧ୍ୟମିକ ସ୍କୁଲ୍‌ର ଛାତ୍ରଛାତ୍ରୀମାନ୍‌କୁ ମାହାଲିଆ ପଢ଼ାବହି ଦିଆଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଜିଲ୍ଲା ଶିକ୍ଷା ଅଧିକାରୀ ଆର୍ ବ୍ଲକ ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯାଇକରି ଛାତ୍ରଛାତ୍ରୀମାନ୍‌କର୍ ତାଲିକା ମଗାଯାଇଛେ । ୧ ନୁ ୮ କ୍ଲାସ୍‌ତକ୍ ନାଁଲେଖେଇଥିବା ଛାତ୍ରଛାତ୍ରୀମାନ୍‌କୁ ଚଲ୍‌ତି ଶିକ୍ଷା ବଛ୍‌ରେ ମାହାଲିଆ ପଢ଼ାବହି ବଂଟାଯିବା ବଲି ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଯୁକ୍ତ ଦୁଇ ମୂଲ୍ୟାୟନ ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଖାତା ୨ ନମ୍ବର୍ ଖେପ୍ ମୂଲ୍ୟାୟନ ଚାଲିଛେ । ଆଏବା ୨୦ ତାରିଖ୍‌ତକ୍ ମୂଲ୍ୟାୟନ୍ ଚାଲ୍‌ବା । ରାଜ୍ୟର୍ ଅଣଷ୍ଠୋର୍ ଟା ଅଫ୍‌ଲାଇନ୍ ଆର୍ ୪୧ ଟା ମୂଲ୍ୟାୟନ କେନ୍ଦ୍ର ନ ୨ ନମ୍ବର୍ ଖେପର୍ ଖାତାଦେଖା ଚାଲିଛେ । ୭ ହଜାର୍‌ନୁ ଅଏତ୍‌କା ଶିକ୍ଷକ୍ ଶିକ୍ଷୟିତ୍ରୀ ଦୁହି ମୂଲ୍ୟାୟନ ପ୍ରକ୍ରିୟାଥି ସାମିଲ୍ ହେଇଛନ୍ । ଧାରିଜ୍ ସମିଆ ଭିତ୍‌ରେ ମୂଲ୍ୟାୟନ ଶେଷ୍ ହେଇକରି ମେ ମାସର୍ ୧୩ ତାରିଖ୍ ଭିତ୍‌ରେ

ପରୀକ୍ଷାଫଲ୍ ବାହାର୍ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମାସର୍ ୨୦ ତାରିଖ୍ ଦିନ ଯୁକ୍ତ ଦୁଇ ପରୀକ୍ଷା ସରିଥିଲା ଆର୍ ୨୨ ତାରିଖ୍‌ନୁ ଖାତାଦେଖା କାମ୍ ମୁଲ୍ ହେଇଥିଲା । ଇ ଭିତ୍‌ରେ ପହେଲା ଖେପ୍ ଖାତାସୁଧା କାମ୍ ସରିଯାଇଛେ ।

ଭିଭିପାଟ୍- ଶୁଣାଣି ଆର୍‌ଏନ୍‌ୟୁ/ କଟକ୍

ଭୋଟର୍ ଭେରିଫାଏବୁଲ୍ ପେପର୍ ଅଡିଟ୍ ଟ୍ରାଏଲ୍- ଭିଭିପାଟ୍ ମିସିନ୍ ମାନ୍‌କର୍ ଫେର୍‌ଘାଏ ଯାଂଚ୍ କର୍‌ବାର୍ ଲାଗି ହେଇଥିବା ଆବେଦନ୍ ଉପ୍‌ରେ ସୁପ୍ରିମ୍‌କୋର୍ଟ ଆଏବା ୧୬ ତାରିଖ୍ ଦିନ ଶୁଣାଣି କର୍‌ବେ । ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ସଞ୍ଜୀବ୍ ଖନ୍ନା ଆର୍ ଜଷ୍ଟିସ୍ ଦୀପଙ୍କର୍ ଦତଙ୍କୁ ନେଇକରି ହେଇଥିବା ଖଣ୍ଡପୀଠ ଇ ଆବେଦନ୍‌ର ଶୁଣାଣି କର୍‌ବେ । ଇ ବାବଦ୍ ମାମ୍‌ଲାକେ ଗଲାକାଏଲ୍ ତାଲିକାଭୁକ୍ତ କରାଯାଇଛେ । ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍- ଇଭିଏମ୍ ଜରିଏ ମତଦାନ୍ ସମିଆଥି ଝନେ ଭୋଟର୍‌ଙ୍କର୍ ଭୋଟ୍ ଠିକ୍ ଚିହ୍ନାଥି ପଡ଼ିଛେ କି ନାଇଁ ସେ ବାବ୍‌ଦେ ଯାଂଚ୍ କର୍‌ବାର୍ ଲାଗି ଭିଭିପାଟ୍‌ନୁ ଗୁଟେ କାଗଜ୍ ସ୍ଲିପ୍ ବାହାର୍‌ସି । ସେଥି

ଭୋଟର୍‌ମାନେ ଭୋଟ୍ ଦେଇଥିବା ପ୍ରାର୍ଥୀଙ୍କର ନାଁ ଆଉ ଚିହ୍ନ ରହିଥିସି । କେନ୍‌ସି ପ୍ରକାର୍ ବିବାଦ୍ ହେଲେ ଇ ସ୍ଲିମ୍‌ମାନ୍‌କେ ଯାଂଚ୍ କରାଯିବାର୍ ବ୍ୟବସ୍ଥା ରହିଛେ ।

ଅସ୍ଥାବର ସମ୍ପତି ତାଲିକା ଆର୍‌ଏନ୍‌ୟୁ/ କଟକ୍

ଆଏବା ସାଧାରଣ ନିର୍ବାଚନ୍ ଲାଗି ପ୍ରାର୍ଥୀପତ୍ର ଦାଖଲ୍ ସମିଆଥି ଝନେ ପ୍ରାର୍ଥୀ ତାଁକର୍ ସବୁ ଅସ୍ଥାବର ସମ୍ପତି ତାଲିକା ଦେବାର୍ ଦର୍‌କାର୍ ନାଇଁନ ବଲି ସୁପ୍ରିମ୍‌କୋର୍ଟ ଫଟିକ୍ ଭାବେ କହିଛନ୍ । ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ଅନିରୁଦ୍ଧ ବୋଷ୍ ଆର୍ ଜଷ୍ଟିସ୍ ସଞ୍ଜୟ କୁମାର୍‌ଙ୍କୁ ନେଇକରି ହେଇଥିବା ଖଣ୍ଡପୀଠ ଗଲାକାଏଲ୍ ଇ ରାୟ ଦେଇଛନ୍ । ୨୦୧୯ ନିର୍ବାଚନ୍‌ଥି ଅରୁଣାଚଲ୍ ପ୍ରଦେଶ୍‌ର ତେଜୁ ବିଧାନ୍‌ସଭାକେ ନିର୍ବାଚିତ ହେଇଥିବା ଝନେ ସ୍ୱାଧୀନ୍ ବିଧାୟକଙ୍କର୍ ବିରୁଧେ ଆଗତ ହେଇଥିବା ଅସ୍ଥାବର ସମ୍ପତି ଦାଖଲ୍ ନାଇଁ କରିଥିବା ମାମ୍‌ଲାର୍ ଶୁଣାଣି କରିକରି ସୁପ୍ରିମ୍‌କୋର୍ଟ ଇ ରାୟ ଦେଇଛନ୍ ।

ପୁଲିସ୍- ମାଓବାଦୀ ଗୁଲି ବିନିମୟ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ପାଇକମାଲ୍ ଥାନା ଅଧୀନ୍‌ଥି ଥିବା ଗନ୍ଧମାର୍ଦ୍ଦନ୍ ଜଙ୍ଗଲ୍ ନ ପୁଲିସ୍ ଆଉ ମାଓବାଦୀମାନ୍‌କର୍ ଭିତ୍‌ରେ ଗୁଲି ବିନିମୟ ହେଇଛେ । ଇଥି କେହି ମୃତାହତ ନାଇଁ ହେଇ । ଘଟ୍‌ନାଜାଗାନୁ ନକ୍ସଲ୍ ମାନେ ବେଭାର୍ କରୁଥିବା ଭିନ୍ ଭିନ୍ ସାମଗ୍ରୀ ଜବତ୍ କରାଯାଇଛେ ବଲି  ବର୍‌ଗଡ୍ ଏସ୍.ପି. ପ୍ରହଲ୍ଲାଦ ସହାୟ ମୀନା କହିଛନ୍ । ନକ୍ସଲ୍‌ମାନେ ହିଂସା ଛାଡ଼ିକରି ସମାଜର୍ ମୁଖ୍ୟଧାରାଥି ସାମିଲ୍ ହଉନ୍ ବଲି ବର୍‌ଗଡ୍ ଏସ୍.ପି. କହିଛନ୍ ।

ବିଶ୍ୱ ହୋମିଓପାଥି ଦିବସ୍            ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ମାଝୀପାଲି ଓଡ଼ିଶା ମେଡ଼ିକାଲ୍ କଲେଜ୍ ଅଫ୍ ହୋମିଓପାଥି ଏଣ୍ଡ୍ ରିସର୍ଚ୍ଚ ନ ବିଶ୍ୱ ହୋମିଓପାଥି ଦିବସ୍ ହେଇଯାଇଛେ ।   ଇ ଅବ୍‌ସରେ ଗୁଟେ ବୈଜ୍ଞାନିକ୍ ସେମିନାର୍‌ର ଆୟୋଜନ୍ କରାଯାଇଥିଲା । ହୋମିଓପାଥି ଜରିଏ ଭିନ୍ ଭିନ୍ ଜଟିଳ ରୋଗର୍ ଚିକିତ୍ସା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ କଟକ୍

ଉତର୍ ପଶ୍ଚିମ ଦିଗୁ ଶୁଖା ପବନ୍ ବହେବାର୍ ସମ୍ଭାବନା ଥିବାର୍‌ନୁ ଆଏବା ଶନିବାର୍ ଦିନୁ ତାପମାତ୍ରା ବଢ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ୍ ବିଜ୍ଞାନ କେନ୍ଦ୍ର କହିଛେ । ଖାସ୍ କରି ରାଜ୍ୟର୍ ଭିତ୍‌ରି ଇଲାକା ଆର୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ତାପମାତ୍ରା ୪୦ ଡିଗ୍ରୀ ନୁ ଅଏତ୍‌କା ରହେବା । ସେଆଡ଼େ କାଲ୍‌ବୈଶାଖୀ ବର୍ଷା ଲାଗି ଗଲା ୨ ଦିନ୍ ତଲେ ତାପମାତ୍ରା ୬ ଡିଗ୍ରୀ କମିଥିଲା ।